## ୩. ବ୍ଲକ୍ ସ୍ତରୀୟ ମିଶନ ଶକ୍ତି ମହାସଂଘର ଭୂମିକା

- ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ସହଜରେ ଏବଂ ସଠିକ୍ ସମୟରେ ବ୍ୟାଙ୍କ୍ ସହିତ ସଂଯୋଗୀକରଣ କରାଇବା ସହିତ ମିଶନ ଶକ୍ତି ଋଣ ପାଇବା ନିମନ୍ତେ ବ୍ଲକ୍ ସ୍ତରୀୟ ମହାସଂଘ ଆବଶ୍ୟକୀୟ ସହାୟତା ପ୍ରଦାନ କରାଇବେ ।
- ସ୍ୱୟଂ ସହାୟକ ଗୋଷ୍ଠୀ ଚୟନ ପ୍ରକ୍ରିୟାରେ ସହାୟତା ପ୍ରଦାନ କରିବେ ।
- ନିଜ ଅଞ୍ଚଳରେ ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟାଙ୍କୁ ବ୍ୟାଙ୍କ ଋଣ ସମ୍ବନ୍ଧରେ ସଚେତନ କରାଇବେ ।
- ଅଣ ବ୍ୟାଙ୍କିଙ୍ଗ୍ ସଂସ୍ଥା ଠାରୁ ଅଧିକ ସୁଧହାରରେ ଋଣ ନ ନେବା ପାଇଁ ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କୁ ପ୍ରବର୍ତ୍ତାଇବେ ।
- ଆବଶ୍ୟକତା ସମୟରେ ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କୁ ବ୍ଲକ୍ ମହାସଂଘ ଆବର୍ତ୍ତନ ପାଣ୍ଠିରୁ ଋଣ ପ୍ରଦାନ କରିବେ ।
- ଆବର୍ତ୍ତନ ପାଣ୍ଠିର ଋଣ ବାବଦକୁ ବାର୍ଷିକ ସର୍ବାଧିକ ୧୨ ପ୍ରତିଶତ ପର୍ଯ୍ୟନ୍ତ ସୁଧ ଲାଗୁ କରାଯାଇ ପାରେ । କୋଭିଡ୍ ମହାମାରୀର ଭୟାବହତାକୁ ନଜରରେ ରଖି ଓ ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ଜରୁରୀ ସ୍ୱାସ୍ଥ୍ୟ ଏବଂ ଖାଦ୍ୟ ନିରାପତ୍ତାକୁ ଦେଖି ବ୍ଲକ୍ ମହାସଂଘ ସୁଧ ହାର ସ୍ଥିର କରିବେ ।
- ଏହି ଋଣ ବାବଦକୁ କିସ୍ତି ଫେରସ୍ତ ସମୟ ୩ ରୁ ୬ ମାସ ପର୍ଯ୍ୟନ୍ତ କୋହଳ କରାଯାଇପାରେ, କିନ୍ତୁ କିସ୍ତି ଫେରସ୍ତ କୋହଳ ସମୟରେ ସୁଧ ଯଥାବିଧି ଲାଗୁହେବ ।
- ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ବିଭିନ୍ନ ରୋଜଗାର ଭିତ୍ତିକ କାର୍ଯ୍ୟକ୍ରମ କରାଇବା ନିମନ୍ତେ ଉତ୍ସାହିତ କରିବା ସହିତ ଆବଶ୍ୟକୀୟ ସହାୟତା ପ୍ରଦାନ କରିବେ ।

ଯୋଗାଯୋଗ : ବ୍ୟାଙ୍କ ସଂଯୋଗୀକରଣ ଓ ମିଶନ ଶକ୍ତି ଋଣ ସଙ୍କ୍ରାନ୍ତୀୟ ସବିଶେଷ ତଥ୍ୟ ଜାଣିବା ନିମନ୍ତେ ମିଶନ ଶକ୍ତି ନିର୍ଦ୍ଦେଶାଳୟ, ରାଜ୍ୟର ସମସ୍ତ ଜିଲ୍ଲା ଏବଂ ପ୍ରକଳ୍ପ ସ୍ତରୀୟ ଆଇ.ସି.ଡ଼ି.ଏସ କାର୍ଯ୍ୟାଳୟ ଏବଂ ବ୍ୟାଙ୍କ୍ ଶାଖା ସହିତ ଯୋଗାଯୋଗ କରିପାରିବେ ।

MISSION Shakti

missionshakti.odisha   mission_shakti





ମିଶନ ଶକ୍ତି

# ମହିଳା ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କ ନିମନ୍ତେ ମିଶନ ଶକ୍ତି ଋଣ ବ୍ୟବସ୍ଥା

## ମିଶନ ଶକ୍ତି ବ୍ଲକ୍ ମହାସଂଘ ସଦସ୍ୟାଙ୍କ ପ୍ରଚାର ପତ୍ରିକା

ମିଶନ ଶକ୍ତି ନିର୍ଦ୍ଦେଶାଳୟ
ମହିଳା ଓ ଶିଶୁ ବିକାଶ ଏବଂ ମିଶନ ଶକ୍ତି ବିଭାଗ
ଓଡିଶା ସରକାର

ମହିଳା ମାନଙ୍କୁ ସ୍ୱୟଂ ସହାୟକ ଗୋଷ୍ଠୀ ମାଧ୍ୟମରେ ସଂଗଠିତ କରିବା ନିମନ୍ତେ ଓଡିଶାରେ ତା ୮ ମାର୍ଚ୍ଚ ୨୦୦୧ରିଖରେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ମିଶନ ଶକ୍ତି କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଛି । ବର୍ତ୍ତମାନ ସୁଦ୍ଧା ସାରା ରାଜ୍ୟରେ ୬ ଲକ୍ଷ ଗୋଷ୍ଠୀ ମାଧ୍ୟମରେ ୭୦ ଲକ୍ଷ ମହିଳା ମିଶନ ଶକ୍ତିରେ ସାମିଲ ହୋଇଛନ୍ତି । ସାମର୍ଥ୍ୟ ଅନୁଯାୟୀ ସ୍ୱଳ୍ପ ସଞ୍ଚୟ ଏବଂ ମୁଠି ଚାଉଳ ମାଧ୍ୟମରେ ସଞ୍ଚୟ ଆରମ୍ଭ କରି ଗୋଷ୍ଠୀର ପାଣ୍ଠି ସୃଷ୍ଟି କରିଥିବା ସ୍ୱୟଂ ସହାୟକ ଗୋଷ୍ଠୀ ବର୍ତ୍ତମାନ ସେମାନଙ୍କର ନିଜର ବ୍ୟବସାୟ କରି ଲକ୍ଷ ଲକ୍ଷ ଟଙ୍କା ରୋଜଗାର କରିବାରେ ସମର୍ଥ ହୋଇପାରିଛନ୍ତି ।

ନୂତନ ଭାବରେ ଗଠନ କରାଯାଇଥିବା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ପ୍ରୋତ୍ସାହିତ କରିବା ସହିତ ଗୋଷ୍ଠୀର ନିଜସ୍ୱ ପାଣ୍ଠି ବୃଦ୍ଧି କରିବା ଓ ବିଭିନ୍ନ ବ୍ୟାଙ୍କ୍ ସୂତ୍ରରୁ ଅଧିକ ପରିମାଣର ଆର୍ଥିକ ଋଣ ସହାୟତା ପାଇବାକୁ ସକ୍ଷମ କରିବା ନିମନ୍ତେ ସମସ୍ତ ଗୋଷ୍ଠୀଙ୍କୁ ସିଡ୍ ମନି ସହାୟତା ପ୍ରଦାନ କରାଯାଇଛି ।

## ୧. ବ୍ୟାଙ୍କ ଋଣ ବ୍ୟବସ୍ଥା

- ସ୍ୱୟଂ ସହାୟକ ଗୋଷ୍ଠୀ ନିଜର ଗୋଷ୍ଠୀ ପାଣ୍ଠି ବୃଦ୍ଧି କରିବା ସହିତ ବିଭିନ୍ନ ରୋଜଗାର ଭିତ୍ତିକ କାର୍ଯ୍ୟକ୍ରମ କରିବା ନିମନ୍ତେ ସହଜରେ ବ୍ୟାଙ୍କରୁ ଋଣ ପାଇପାରୁଛନ୍ତି ।
- ସ୍ୱୟଂ ସହାୟକ ଗୋଷ୍ଠୀ ଗଠନର ୬ ମାସରୁ ଉର୍ଦ୍ଧ୍ୱ ତଥା ଇଚ୍ଛୁକ ସ୍ୱୟଂ ସହାୟକ ଗୋଷ୍ଠୀମାନେ ବ୍ୟାଙ୍କ୍ ଋଣ ପାଇଁ ଆବେଦନ କରିପାରିବେ ।
- ସ୍ୱୟଂ ସହାୟକ ଗୋଷ୍ଠୀମାନେ ନିଜେ ଆବଶ୍ୟକୀୟ କାଗଜପତ୍ର ସହିତ ବୈଠକ ବିବରଣୀର ଏକ ନକଲ ନେଇ ଜମା ଖାତା ଥିବା ବ୍ୟାଙ୍କ୍‌କୁ ଆବେଦନ କରିପାରିବେ ।
- ମିଶନ ଶକ୍ତିର କ୍ଷେତ୍ର କର୍ମକର୍ତ୍ତା ମାନେ ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କ କାଗଜାତ ଠିକ୍ କରିବାରେ ସାହାଯ୍ୟ କରିବେ ।
- ସଠିକ ନଥିପତ୍ର ସହିତ ଯୋଗ୍ୟ ସ୍ୱୟଂ ସହାୟକ ଗୋଷ୍ଠୀ ଚିହ୍ନଟ କରି ମିଶନ ଶକ୍ତିର କ୍ଷେତ୍ର କର୍ମକର୍ତ୍ତାମାନେ ସ୍ୱୟଂ ସହାୟକ ଗୋଷ୍ଠୀର ଋଣ ଆବେଦନ ପତ୍ର ସହିତ CDPO/BDOଙ୍କ ଦସ୍ତଖତରେ ବ୍ୟାଙ୍କ୍ କୁ ସୁପାରିଶ କରିବାରେ ସହାୟକ ହେବେ ।
- ବ୍ୟାଙ୍କ ଜରିଆରେ ଋଣ ମଞ୍ଜୁରୀ ପରେ ଋଣକୁ ସଦସ୍ୟା ମାନଙ୍କର ଆବଶ୍ୟକତା ଅନୁଯାୟୀ ପ୍ରଦାନ କରିବା ସହ ଠିକ୍ ସମୟରେ ଋଣ କିସ୍ତି ବ୍ୟାଙ୍କ୍ ରେ ଜମା କରିବେ ।

ସାହୁକାର




ବ୍ୟାଙ୍କ












ସମ୍ପତି ହରାଇବା



ସମ୍ପତି ପ୍ରାପ୍ତ ହୁଏ

ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ବ୍ୟାଙ୍କ୍ ମାଧ୍ୟମରେ ସହଜରେ ମିଶନ ଶକ୍ତି ଋଣ ପ୍ରଦାନରେ ସହାୟତା କରିବା ପାଇଁ ବ୍ଲକ ପ୍ରକଳ୍ପ ଏବଂ ଜିଲ୍ଲା ସ୍ତରରେ ମିଶନ ଶକ୍ତି ଅଧିକାରୀ ମାନଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି । ଅଧିକରୁ ଅଧିକ ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ଏହି ସୁବିଧା ପ୍ରଦାନ କରାଇବା ନିମନ୍ତେ ବ୍ୟାଙ୍କ୍ ଅଧିକାରୀ ଏବଂ ମିଶନ ଶକ୍ତି ଅଧିକାରୀଙ୍କ ମିଳିତ ସହଯୋଗରେ ପର୍ଯ୍ୟାୟକ୍ରମେ ବିଭିନ୍ନ ସ୍ତରରେ ମିଶନ ଶକ୍ତି ମେଳା ଆୟୋଜନ କରାଯାଉଅଛି । ଏହି ମେଳା ମାଧ୍ୟମରେ ଯୋଗ୍ୟ ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ନିକଟରୁ ବ୍ୟାଙ୍କ୍ ଋଣ ନିମନ୍ତେ ଆବେଦନ ଫର୍ମ ପୂରଣ,ଋଣ ପ୍ରଦାନ ଓ ଋଣ ପରିଶୋଧ ଇତ୍ୟାଦି କରାଯାଇଥାଏ ।

## ୨. ମିଶନ ଶକ୍ତି ଋଣ

ମହିଳା ମାନଙ୍କର ସୁଧ ଭାର କମାଇବା ସହିତ ବିଭିନ୍ନ ରୋଜଗାର ଭିତ୍ତିକ କାର୍ଯ୍ୟକ୍ରମ କରାଇବା ନିମନ୍ତେ ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ନିମନ୍ତେ ମିଶନ ଶକ୍ତି ଋଣ ( ସୁଧ ରିହାତି) କାର୍ଯ୍ୟକ୍ରମ ଆରମ୍ଭ କରାଯାଇଅଛି । ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଯୋଗ୍ୟ ସ୍ୱୟଂ ସହାୟକ ଗୋଷ୍ଠୀ ନିଜ ବ୍ୟାଙ୍କରେ ଠିକ୍ ସମୟରେ ଋଣ ପରିଶୋଧ କରି ବାର୍ଷିକ ୦% ସୁଧ ହାରରେ ୩ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ମିଶନ ଶକ୍ତି ଋଣ ସୁବିଧା ପାଇପାରୁଛନ୍ତି ।

### ମିଶନ ଶକ୍ତି ଋଣ ପାଇବା ପ୍ରକ୍ରିୟା

- ନିୟମିତ ଋଣ ପରିଶୋଧ କରୁଥିବା ସ୍ୱୟଂ ସହାୟକ ଗୋଷ୍ଠୀ ଏହି ଯୋଜନାରେ ଥିବା ସୁଧ ରିହାତି ପାଇପାରୁଛନ୍ତି ।
- ୦% ସୁଧ ହାରରେ ତିନି ଲକ୍ଷ ପର୍ଯ୍ୟନ୍ତ ବ୍ୟାଙ୍କ ଋଣ ଉପରେ ସୁଧ ରିହାତି ମିଳୁଛି ।
- ରାଜ୍ୟର ସମସ୍ତ ଗ୍ରାମାଞ୍ଚଳ ଏବଂ ସହରାଞ୍ଚଳର ସ୍ୱୟଂ ସହାୟକ ଗୋଷ୍ଠୀ ଏହି ସୁଧ ରିହାତି କାର୍ଯ୍ୟକ୍ରମର ଲାଭ ପାଇପାରୁଛନ୍ତି ।
- ଗୋଷ୍ଠୀମାନେ ନିୟମିତ ଋଣ ପରିଶୋଧ କରି ଏକାଧିକ ବାର ମିଶନ ଶକ୍ତି ଋଣ ନେଇପାରୁଛନ୍ତି ଏବଂ ସୁଧ ରିହାତିର ଲାଭପାଇପାରୁଛନ୍ତି ।
- ସୁଧ ରିହାତି ବାବଦକୁ ଦିଆଯାଉଥିବା ଆର୍ଥିକ ରାଶି ବ୍ୟାଙ୍କ୍ ଜରିଆରେ ସିଧାସଳଖ ସ୍ୱୟଂ ସହାୟକ ଗୋଷ୍ଠୀର ସଞ୍ଚୟ ଖାତାରେ ଜମା କରାଯାଇଥାଏ ।

କେଉଁଠୁ କରଜ ନେବେ







ରାଜ୍ୟ ସରକାରଙ୍କ ଏହି ସୁଧ ରିହାତି କାର୍ଯ୍ୟକ୍ରମ ଗୋଷ୍ଠୀର ସଞ୍ଚୟ ପାଣ୍ଠି ବୃଦ୍ଧି କରିବାରେ ସହାୟକ ହେବା ସହିତ ବିଭିନ୍ନ ରୋଜଗାର ଭିତ୍ତିକ କାର୍ଯ୍ୟକ୍ରମ କରିବା ନିମନ୍ତେ ପ୍ରୋତ୍ସାହିତ କରୁଅଛି ।

### ବିଶେଷ ଦ୍ରଷ୍ଟବ୍ୟ

- ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ବ୍ୟାଙ୍କ୍ ଋଣ ନିମନ୍ତେ ସର୍ଭିସ୍ ଏରିଆ ନିୟମ ପ୍ରଯୁଜ୍ୟ ନୁହେଁ, ଗୋଷ୍ଠୀମାନେ ସଞ୍ଚୟ ଖାତା ଥିବା ବ୍ୟାଙ୍କରୁ ଋଣ ନେଇପାରିବେ ।
- ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ସଭ୍ୟାମାନେ ଗୋଷ୍ଠୀ ଋଣ ପ୍ରାପ୍ତି ନିମନ୍ତେ, ବ୍ୟକ୍ତିଗତ ସଞ୍ଚୟ ଖାତା ଖୋଲିବା ପାଇଁ ବାଧ୍ୟ ନୁହନ୍ତି ।
- ସ୍ୱୟଂ ସହାୟକ ଗୋଷ୍ଠୀର କୌଣସି ସଦସ୍ୟାଙ୍କ ପରିବାର ସଦସ୍ୟ ବ୍ୟାଙ୍କରୁ ଋଣ ନେଇଥିଲେ, ସେଥିପାଇଁ ସ୍ୱୟଂ ସହାୟକ ଗୋଷ୍ଠୀ ବ୍ୟାଙ୍କରୁ ଋଣ ନେବାରେ କୌଣସି ଅସୁବିଧା ନାହିଁ ।